**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୦୨.୦୪.୨୦୧୩**

**ବି.ଜେ.ପି ର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀମତୀ ନିର୍ମଳା ସୀତାରାମନଙ୍କ ପ୍ରେସ ଇସ୍ତାହାର ।**

କଂଗ୍ରେସ ପାର୍ଟି ଯେପରି ଅଚାନକ ତଥା ନିୟମିତ ଭାବରେ ଜେ.ପି.ସି ର କାର୍ଯ୍ୟପଦ୍ଧା ଉପରେ ପ୍ରତିବନ୍ଧକ ଲଗାଇ ଚାଲିଛି, ବି.ଜେ.ପି ତାହାକୁ ଆଦୌ ଅନୁମୋଦନ କରେ ନାହିଁ । ପୂର୍ବରୁ ମଧ୍ୟ ସେମାନେ ଉଚିତ ସମୟରେ ଜେ.ପି.ସି ଠାରୁ ଦାୟିତ୍ୱ ହସ୍ତାନ୍ତର କରି ତାହାର କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ ।

ଟୁ-ଜି ସ୍ପେକ୍ଟ୍ରମ ଦୁର୍ନୀତିର ତଦନ୍ତ ସମୟରେ ତାହାର ଉପଯୁକ୍ତ ତଦନ୍ତ ପାଇଁ ଜେ.ପି.ସି ଗଠନ କରାଯିବା ସମୟରେ କଂଗେସ ପାର୍ଟିର ବିରୋଧକୁ ସାରା ଦେଶ ଦେଖିଅଛି ।  ଉ.ପା ସରକାରର ଅନେକ ମନ୍ତ୍ରୀ ପ୍ରକାଶ କରିଥିଲେ କି, କୌଣସି ଘଟଣାରେ ଦୋଷ କଥା ବିଚାର କରିବା ଦାୟିତ୍ୱ କୋର୍ଟର । ତେଣୁ ସେଥିପାଇଁ ଜେ.ପି.ସି ଗଠନର ଆବଶ୍ୟକତା ନାହିଁ ଏବଂ ୨୦୧୧ ମସିହାର ସମସ୍ତ ଶୀତ କାଳୀନ ଅଧିବେଶନ ଏହି ଯୁକ୍ତି ତର୍କରେ ହିଁ ନଷ୍ଟ ହୋଇଯାଇଥିଲା । ସେ ସମୟରେ ମାନ୍ୟବର ସୁପ୍ରିମ କୋର୍ଟ ଦ୍ୱାରା ଉ.ପା ସରକାରଙ୍କ ସମୟର ୧୨୨ ଟି ସ୍ପେକ୍ଟ୍ରମ ଲାଇସେନ୍ସ କୁ ରଦ୍ଦ କରାଯାଇଥିଲା । ଫଳରେ ଜନତାଙ୍କ ଚାପ ଓ ଗୋଟିଏ ପରେ ଗୋଟିଏ ଭ୍ରଷ୍ଟାଚାରର ପର୍ଦ୍ଦାଫାଶ ହେବା ଦ୍ୱାରା ସେମାନେ ବାଧ୍ୟ ହୋଇ ଜେ.ପି.ସି ଗଠନ କରିଥିଲେ । କିନ୍ତୁ ତାହାର କାର୍ଯ୍ୟ ପଦ୍ଧାକୁ ବାରମ୍ବାର କରି ଅବରୋଧ କରାଯାଉଅଛି । ଯାହା ସମ୍ପର୍କରେ ବି.ଜେ.ପି ସବୁବେଳେ ପ୍ରଶ୍ନ ଉଠାଇ ଚାଲିଛି ।

ଟୁ-ଜି ସ୍ପେକ୍ଟ୍ରମର ପ୍ରକୃତ ଦୋଷୀଙ୍କୁ ଜେ.ପି.ସିରେ ହାଜରା ଦେବାକୁ କହାଯାଇଥିବା ବେଳେ ଜେ.ପି.ସି ର ଅଧ୍ୟକ୍ଷଙ୍କ ଦ୍ୱାରା ତାହାକୁ ପ୍ରତ୍ୟାହାର କରାଯାଇଥିଲା । ପାର୍ଲିଆମେଣ୍ଟାରୀ କମିଟି ସର୍ବସମ୍ମତି ଦ୍ୱାରା ଚାଲେ । ଯେଉଁ ମନ୍ତ୍ରୀମାନେ ଜେ.ପି.ସିରେ ଅନ୍ତର୍ଭୁକ୍ତ ସେମାନେ ମଧ୍ୟ ଭାରତୀୟ ଗଣତନ୍ତ୍ର ପାଇଁ ଅଜଣା ନୁହନ୍ତି । ୧୯୯୨ ମସିହାରେ ଡ଼ଃ ମନମୋହନ ସିଂହ ନିଜେ ଜେ.ପି.ସିରେ ଥିଲେ ଓ ବି.ଜେ.ପି ର ଯଶୱନ୍ତ ସିହ୍ନା ମଧ୍ୟ । ୨୦୧୧ ମସିହାରେ ବୁରାରିଠାରେ ଏ.ଆଇ.ସି.ସି ପ୍ଲେନାରୀରେ ପ୍ରଧାନ ମନ୍ତ୍ରୀ ପି.ଏ.ସି ସାମ୍ନାରେ ଏକ ମନ୍ତବ୍ୟ ଦେଇ କହିଥିଲେ କି, ପି.ଏ.ସି ପ୍ରଧାନ ମନ୍ତ୍ରୀଙ୍କୁ ଡ଼କାଇ ପାରିବ ନାହିଁ ।

ସେ ଯାହା ହେଉନା କାହିଁକି ଜେ.ପି.ସି ପାର୍ଲିଆମେଣ୍ଟର ସମସ୍ତ କାର୍ଯ୍ୟକାରିଣୀ ନେତାଙ୍କୁ ଦାୟିତ୍ୱ ବୋଧତା ସମ୍ପର୍କରେ ଅବଗତ କରାଇବାକୁ ହିଁ ଗଠନ କରାଯାଇଛି । ଏ.ରାଜା ବାରମ୍ବାର କରି ପ୍ରକାଶ କରିଥିଲେ କି, ପ୍ରଧାନ ମନ୍ତ୍ରୀ ସମସ୍ତ ତଥ୍ୟକୁ ଗୁପ୍ତରେ ରଖୁଥିଲେ ଓ ସେ କେବଳ ତତକାଳୀନ ଅର୍ଥ ମନ୍ତ୍ରୀଙ୍କ ସହ ଆଲୋଚନା କରି କୌଣସି ନିଷ୍ପତ୍ତି ନେଉଥିଲେ । ଭାରତର ଅର୍ଟୋନୀ ଜେନେରାଲ ଶ୍ରୀ ଭାଓନବତୀ ପ୍ରକାଶ କରିଛନ୍ତି କି, ଶ୍ରୀ ଏ.ରାଜା ଟୁ-ଜି ଫାଇଲର ଏ.ଜି କ୍ଲିୟରାନ୍ସ ପରେ ହିଁ ଅନେକ ପ୍ରଶ୍ନ ବା ଉତ୍ତରକୁ ପଛରେ ସାମିଲ କରାଇଛନ୍ତି ।

ଏ ସମସ୍ତ ତଥ୍ୟକୁ ଦୃଷ୍ଟିରେ ରଖି ପୂର୍ବତନ ଅର୍ଥମନ୍ତ୍ରୀ, ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଜେ.ପି.ସିର ବିଜେ.ପି ର ସଦସ୍ୟ ଶ୍ରୀ ଯଶୱନ୍ତ ସିହ୍ନା ଅନେକ ଥର ଜେ.ପି.ସିର ଅଧ୍ୟକ୍ଷଙ୍କ ପାଖକୁ ପତ୍ର ଦେଇଛନ୍ତି । ମାତ୍ର ଉତ୍ତର ନପାଇବାରୁ ସେ ବାଧ୍ୟ ହୋଇ ପ୍ରଧାନ ମନ୍ତ୍ରୀ ଓ ବାଚସ୍ପତିଙ୍କ ପାଖକୁ ଲେଖି ଜଣାଇଛନ୍ତି ।

ତେଣୁ ବି.ଜେ.ପି ଦାବି କରେ କି, ତାଙ୍କ ଅନୁରୋଧ କ୍ରମେ ପ୍ରଧାନ ମନ୍ତ୍ରୀ, ତତକାଳୀନ ଅର୍ଥମନ୍ତ୍ରୀ ଓ ଶ୍ରୀ ଏ.ରାଜା ଏକ ସାଙ୍ଗରେ ଜେ.ପି.ସିରେ ଉପସ୍ଥିତ ହୁଅନ୍ତୁ ଏବଂ ଜେ.ପି.ସି ତାହାର ତଦନ୍ତକୁ ନିରପେକ୍ଷ, ସ୍ୱାଧୀନ ତଥା ସୁଚାରୁ ଭାବରେ ସମ୍ପାଦନ କରୁ ।

**ଓ.ପି କୋହଲି**

**ମୁଖ୍ୟାଳୟ ପ୍ରମୁଖ**